# ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ।

ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇ ବିଗତ ମାସରେ ହୋଇଥିବା ସମସ୍ତ ଦୁର୍ଘଟଣାଜନିତ ତଥ୍ୟ ତଦାରଖ କରିଥିଲେ । ଅନୁଗୋଳ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ଛକ ଯଥା- ଥାନା ପାଖ ଟ୍ରାଫିକ ଛକ ଓ କାଲଟାକ୍ସ ଛକକୁ ମଡେଲ ଟ୍ରାଫିକ୍ ସ୍କୋୟାରରେ ପରିଣତ କରିବା ପାଇଁ ନିଷ୍ପତ୍ତି ନିଆଗଲା, ଯେଉଁଥିରେ ସି ସି ଟିଭି କ୍ୟାମେରା,କଣ୍ଟ୍ରୋଲ ରୁମ୍,ରାସ୍ତାର ସଠିକ୍ ସାଙ୍କେତିକ ଚିହ୍ନ,ଜେବ୍ରା କ୍ରସିଂ, ସିଗନାଲ ରେଡ ଲାଇଟ୍, ପଥଚାରୀମାନଙ୍କ ପାଇଁ ପାଦ ଚଲା ରାସ୍ତା, ଯାନବାହନ ରଖିବା ପାଇଁ ପାର୍କିଂର ସୁବ୍ୟବସ୍ଥା କରିବାକୁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଥିଲେ । ଅନୁଗୋଳ-ଢେଙ୍କାନାଳ ଓ ଅନୁଗୋଳ-ସମ୍ବଲପୁର ମୁଖ୍ୟ ରାସ୍ତାର କାର୍ଯ୍ୟ ସମାପନ ବିଷୟରେ ରୋଡ ୱିଙ୍ଗ ଅଥରିଟିଙ୍କ ଉତ୍ତରରେ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଯଥା ଶିଘ୍ର ରାସ୍ତା କାର୍ଯ୍ୟ ଶେଷ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ଦୁର୍ଘଟଣା ସମ୍ପର୍କିୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।


OPPO Reno7 5G


OPPO Reno7 5G